BAGEESHA
ବାଗୀଶ
ତୃତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର-ଅକ୍ଟୋବର ୨୦୨୫
Volume No. 03 | Issue No. 05 | Sep-Oct 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ବାଲିଆପାଳ ଜନ ଆନ୍ଦୋଳନ ଓ ଓଡ଼ିଆ କବିତା

**ଶୁଭଲକ୍ଷ୍ମୀ ବେହେରା**
ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

RECEIVED : 13 OCT 2025
ACCEPTED : 25 OCT 2025
REVISED : 31 OCT 2025
PUBLISHED: 10 NOV 2025
ARTICLE QR CODE
DOI:10.70541/BAGEESHA/2025030504
Article No. BM2025/05-A004
Category : Research Article
Journal Home Page: https://bageesha.in
Support: editor.bageesha@gmail.com
BM2025/05-A004

ABSTRACT

**ସାରାଂଶ**

*ମଣିଷ ସଭ୍ୟତାର ଉନ୍ନତି ସହିତ ତାହାର ଦୈନିକ ଆବଶ୍ୟକତା ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଏହି ଆବଶ୍ୟକତାକୁ ନଜରରେ ରଖି ଅନେକ ପ୍ରକାରର ଉନ୍ନୟନ କାର୍ଯ୍ୟମାନ ସାଧିତ ହେଉଛି। ସାହିତ୍ୟ ମଧ୍ୟ ସମୟ ଅନୁସାରୀ ପରିବର୍ତ୍ତନକୁ ଆପଣାଇ ନେଇଛି। ତେବେ ଆଲୋଚନାର ପ୍ରସଂଗ ଉତ୍ତର ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଜନଆନ୍ଦୋଳନ। ୧୯୭୯ ମାସିହାରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାସ୍ଥିତ ସୁବର୍ଣ୍ଣରେଖା ନଦୀ ମୁହାଣର ଉଭୟ ପାର୍ଶ୍ୱରେ ଥିବା, ବାଲିଆପାଳ ଏବଂ ଭୋଗରାଇ ଅଂଚଳରେ ଭାରତ ସରକାରଙ୍କ ଅନୁମୋଦନକ୍ରମେ କ୍ଷେପଣାସ୍ତ୍ର ଘାଟି ତିଆରି ହେବାପାଇଁ ସ୍ଥିର କରାଯାଏ। ପ୍ରାୟ ୧୧୬ବର୍ଗ କିଲୋମିଟର ଅଂଚଳ ଏହି କ୍ଷେପଣାଅସ୍ତ୍ର ଘାଟୀ ତିଆରି ପାଇଁ ବ୍ୟବହାର ହେବ ବୋଲି ସ୍ଥାନ ଚୟନ କରାଯାଏ। ସ୍ଥାନୀୟ ଲୋକମାନଙ୍କର ବାସସ୍ଥାନ ସହ ଜୀବନ-ଜୀବିକାର କ୍ଷୟକ୍ଷତି ଏହା ସହିତ ଜଡ଼ିତ। ଏହି ସବୁ କ୍ଷୟକ୍ଷତିକୁ ପ୍ରତିବାଦକରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରବଳ ଆନ୍ଦୋଳନର ସୂତ୍ରପାତ ହୁଏ। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳକୁ ସମର୍ଥନ କରି କବି-ସାହିତ୍ୟିକମାନେ ସ୍ୱର ଉଠାନ୍ତି। ସେହି ସ୍ୱରକୁ ପ୍ରତିପାଦିତ କରିବା ଏହି ଗବେଷଣାତ୍ମକ ନିବନ୍ଧର ମୂଳ ଉଦ୍ଦେଶ୍ୟ।*

**ମୂଳଶବ୍ଦ:** ବାଲିଆପାଳ, ଜନଆନ୍ଦୋଳନ, ବଲେଶ୍ୱର, କ୍ଷେପଣାସ୍ତ୍ର ଘାଟି, ବିସ୍ଥାପନ, ଜୀବନ-ଜୀବିକା, ଚାଷ।

**ଉପକ୍ରମ:** ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ, ତଥା ଏଠିକାର ଅଧିକାଂଶ ଲୋକ କୃଷିକାର୍ଯ୍ୟ କରି ନିଜର ଜୀବିକା ଅର୍ଜନ କରନ୍ତି। ସମାନ ଭାବେ ଏଠାକାର ମାଟି ଏବଂ ପାହାଡ଼ରେ ଭରିରହିଚି ପ୍ରଚୁର ପରିମାଣର ପ୍ରାକୃତିକ ସମ୍ପଦ। ଏହି ସମ୍ପଦ ଉପରେ ଦେଶ ବିଦେଶର କମ୍ପାନୀମାନଙ୍କ ନଜର। ଏହି ସମ୍ପଦକୁ ରକ୍ଷା କରିବାପାଇଁ ତଥା ଜମି-ଜଳ-ଜଂଗଲକୁ ସୁରକ୍ଷା କରିବାପାଇଁ ସମୟକ୍ରମେ ମଂଚର ପରିକଳ୍ପନା ତଥା ସାହିତ୍ୟ ରଚନା ହୋଇଛି। ଓଡ଼ିଶାରେ ହୋଇଥିବା ଅନ୍ୟାନ୍ୟ ଆନ୍ଦୋଳନମାନଙ୍କ ମଧ୍ୟରୁ ଆମେ ଆଲୋଚନା କରୁଛେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଜନଆନ୍ଦୋଳନ ସମ୍ପର୍କରେ। ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଅଂଚଳରେ ଜାତୀୟ ପରୀକ୍ଷାଂଚଳ(National Testing Range) ସ୍ଥାପିତ ହେବା ପାଇଁ ୧୯୭୯ ମସିହାରେ (ଅର୍ଥାତ୍ ଜନତା ସରକାରଙ୍କର ଅମଳରେ)ଭାରତ ସରକାର ମୌଳିକ ନିଷ୍ପତ୍ତି ନେଇଥିଲେ। ୧୯୮୦ ମସିହାରେ ଓଡ଼ିଶା ସରକାରଙ୍କ ଚାପରେ ଓଡ଼ିଶା ବାହାରେ ଏହି ପରୀକ୍ଷାଂଚଳକୁ ସ୍ଥାପିତ କରିବା ପାଇଁ ଚେଷ୍ଟା ଚାଲିଲା। କିନ୍ତୁ ଏ ସମ୍ପର୍କରେ ଅଧ୍ୟୟନ ପୁନଶ୍ଚ ପ୍ରତିଷ୍ଠାକଲା ଯେ ଜାତୀୟ ପରୀକ୍ଷାଂଚଳ ପାଇଁ ବାଲିଆପାଳ ହିଁ ଏକମାତ୍ର ପ୍ରଯୁଜ୍ୟ ସ୍ଥାନ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ୧୯୮୫ ମସିହାରେ ଏହି ପ୍ରଶ୍ନ ପୁନରୁନ୍ମୋଚନ ହେଲା ଏବଂ ୧୯୮୬ ମସିହା ମଇ ୨୧ତାରିଖରେ ଭାରତ ସରକାର ଶେଷ ସିଦ୍ଧାନ୍ତ ନେଲେ ଯେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ବାଲିଆପାଳ-ଭୋଗରାଇ ଅଂଚଳରେ ଜାତୀୟ ପରୀକ୍ଷାଂଚଳ ସ୍ଥାପିତ ହେବ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକମାନଙ୍କର ପ୍ରତିବାଦ ପରେ ପ୍ରକଳ୍ପର ପରିସର କିଛି ମାତ୍ରାରେ ହ୍ରାସ ହୋଇଥିଲା।

**ବିଷୟର ଆଲୋଚନା:** ଆମର ବଂଗୋପସାଗରରେ ମିଶୁଥିବା ସୁବର୍ଣ୍ଣରେଖା ନଦୀର ଉଭୟ ପାର୍ଶ୍ୱରେ ବାଲିଆପାଳ ଓ ଭୋଗରାଇ ଅବସ୍ଥିତ ଏହି ୨ଟି ଅଂଚଳ ଓଡ଼ିଶାର ସବୁଠାରୁ ଅଧିକଜନବସତି ଅଂଚଳ। ୧୯୮୧ ଗଣନା ଅନୁସାରେ ଓଡ଼ିଶାର ଗ୍ରାମ୍ୟାଂଚଳରେ ଜନସାନ୍ଦ୍ରତା(Density of population)ବର୍ଗ କିଲୋମିଟର ପ୍ରତି ହାରାହାରି ୩୫୭ ଥିବା ସ୍ଥଳେ ବାଲିଆପାଳ ଓ ଭୋଗରାଇର ଜନସାନ୍ଦ୍ରତା

ଯଥାକ୍ରମେ ବର୍ଗ କିଲୋମିଟର ପ୍ରତି ୪୦୧ ଏବଂ ୫୩୮।

ବାଲିଆପାଳ ଓ ଭୋଗରାଇ ଅଂଚଳ "ଓଡ଼ିଶାର ଭାତଥାଳି" ବୋଲି ସମସ୍ତେ କୁହନ୍ତି। ସ୍ଥାନୀୟଲୋକମାନଙ୍କର ଅର୍ଥ ଉପାର୍ଜନର ପ୍ରାଥମିକ ଉତ୍ସ ଚାଷ। ଏଥିରୁ ଅନୁମାନ କରିହୁଏ, ଚାଷ ଏବଂ କୃଷି କ୍ଷେତ୍ରରେ ଏହାର ଅବଦାନ ଓଡ଼ିଶା ପାଇଁ କେତେ ମାତ୍ରାରେ ଗୁରୁତ୍ୱପୁର୍ଣ୍ଣ। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁଯାୟୀ ବାଲିଆପାଳର କୃଷି ଘନତା (Cropping Intensity)୧୬୧-୪୫ ଯାହାକି ଓଡ଼ିଶା ପାଇଁ ସର୍ବୋଚ୍ଚ ଚାଷ ଉତ୍ପାଦନକାରୀ ଅଂଚଳ। ମାତ୍ର କ୍ଷେପଣାସ୍ତ୍ର ଘାଟି ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଲୋକମାନଙ୍କ ସହିତ ଏଠାକାର ସରକାରୀ ଅନୁଷ୍ଠାନ ଇତ୍ୟାଦି କ୍ଷୟକ୍ଷତିର ସମ୍ମୁଖୀନ ହେବେ। ଓଡ଼ିଶାର 'ଗଣତନ୍ତ୍ର ଅଧିକାର ସୁରକ୍ଷା ସମିତି'ର 'ତଥ୍ୟାନୁସନ୍ଧାନ କମିଟି'ର ତଥ୍ୟ ଅନୁସାରେ ଧାନଚାଷ, ପାନବରଜ, ନଡ଼ିଆ ଓ ଅନ୍ୟାନଫଳ, ମଧୁରମାଛ ଇତ୍ୟାଦି ଏହି ଅଂଚଳର ଅର୍ଥ ଉପାର୍ଜନର ମାଧ୍ୟମ। ସ୍ଥାନୀୟ ଲୋକମାନଙ୍କର ଚାଷ, ଜୀବନ-ଜୀବିକା ଇତ୍ୟାଦି ଏହାରି ଉପରେ ନିର୍ଭରକରେ। ଏହି ସମୟରେ ପ୍ରବଳ ପ୍ରତିବାଦ ପ୍ରତିରୋଧ ମୁଣ୍ଡଟେକେ। ଭାରତର ଗଣତାନ୍ତ୍ରିକ ଅଧିକାର ମହାସଂଘ ସହ ସଂଶ୍ଳିଷ୍ଟ ଓଡ଼ିଶାର 'ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ' ବାଲିଆପାଳକୁ ଏକ ତଥ୍ୟାନୁସନ୍ଧାନୀ କମିଟି ପଠାଇ ତା'ର ରିପୋର୍ଟ ପ୍ରସ୍ତୁତ କରିଥିଲେ, ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର, ମନମୋହନ ମିଶ୍ର, ପ୍ରଫେସର ଜୟକୃଷ୍ଣ ମିଶ୍ର, ବିନୋଦ ମହାନ୍ତି ଓ ବ୍ରଜନାଥ ରଥ ଇତ୍ୟାଦି ଥିଲେ ଏହାର ସଦସ୍ୟ। ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ବିରୁଦ୍ଧରେ ବାଲିଆପାଳ ଜନଗଣଙ୍କର ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଛି। ତାହା କେବଳ ସାମରିକବାଦ ଆନ୍ଦୋଳନ ନୁହେଁ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ତଥା ସାମରିକ ଶୋଷଣ କବଳରୁ ଓଡ଼ିଶାକୁ ମୁକ୍ତ କରିବାର ଏକ ମାଧ୍ୟମ।

ଯେତେବେଳେ ଜନନ୍ଦୋଳନର କଥା ଉଠେ, ଆପେ ଆପେ ମନେ ପଡ଼ିଯାଏ ବାଲିଆପାଳ ଆନ୍ଦୋଳନ। ଆମ ସାହିତ୍ୟରେ ଏହାର ପ୍ରତିଫଳନ। ବିଶେଷକରି କବିତାରେ। ସେହି ସମୟର ଏହି ଆନ୍ଦୋଳନରେ ଅନେକ ସାହିତ୍ୟିକ ପ୍ରତିନିଧି ସ୍ୱରୂପ ଭାଗନେଇଥିଲେ ଏବଂ ଅନେକ ସାହିତ୍ୟିକମାନେ ସ୍ୱର ମଧ୍ୟ ଉତ୍ତୋଳନ କରିଥିଲେ। ସେମାନଙ୍କର ମଧ୍ୟରେ ଥିଲେ- ଡ. ନାରାୟଣ, ବ୍ରଜନାଥ ରଥ, ସମରେନ୍ଦ୍ର ନାୟକ, ଅରୁଣ ଜେନା, ଆଶୁତୋଷ ପରିଡ଼ା ଆହୁରି ଅନେକ। ବିକାଶକର କାର୍ଯ୍ୟକ୍ରମ ଦେଶପାଇଁ ଯେଉଁଭଳି ଆବଶ୍ୟକ ଦେଶର ଜନତାମାନଙ୍କୁ ସୁରକ୍ଷା ଏବଂ ସୁବିଧା ପ୍ରଦାନ କରିବା ଦେଶର ମଧ୍ୟ ସମାନ କର୍ତ୍ତବ୍ୟ। କୌଣସି ସ୍ଥାନରେ ବିକାଶକର କାମ କରିବା ପାଇଁ ସେହି ସ୍ଥାନୀୟ ଲୋକମାନଙ୍କର କ୍ଷତିସାଧନା କରିବା ଯୁକ୍ତିସଂଗତ ମନେ ହୁଏନାହିଁ। ସେଇ ପରିପ୍ରେକ୍ଷାରେ ବାଲିଆପାଳ କ୍ଷେପଣାସ୍ତ୍ରଘାଟିର ଘଟଣାକୁ ଆନୁଧ୍ୟାନ କରାଯାଇପାରେ। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖାନଦୀର ଉଭୟପାର୍ଶ୍ୱରେ ରହୁଥିବା ଭୋଗରାଇ ଏବଂ ବାଲିଆପାଳ ଲୋକମାନେ ଏହି ନଦୀ ତଥା ବଂଗୋପସାଗର ଉପରେ ଜୀବନ-ଜୀବିକା ପାଇଁ ନିର୍ଭର କରନ୍ତି। ଚାଷବାସଠାରୁ ଆରମ୍ଭ କରି, ମାଛ, ଫସଲ ଏମାନଙ୍କର ଜୀବନ ବଞ୍ଚିବା ପ୍ରଣାଳୀର ଏକ ବୃହତ୍ତର ଭାଗ। କବି ବ୍ରଜନାଥ ରଥଙ୍କର 'ବାଲିଆପାଳ' କବିତା ଶିର୍ଷକରେ କୁହନ୍ତି- ମାଇଲ୍ ମାଇଲ୍ ବ୍ୟାପୀ/ନଡ଼ିଆ ଓ କାଜୁର ଜଂଗଲ/ ଅଗଣନ-ଛାୟାଘନ-ପାନର ବରଜ;/ ବାଲିର ଗାଲିଚା ପରେ/ ବୁଣିଦିଏ ଶ୍ୟାମଳ ମୁରୁଜ।/ କନ୍ଦମୂଳ ଚିନାଆଳୁ/କାକୁଡ଼ି ଓ ତରଭୁଜ ଲତା/ଧୂସର ମାଟିକୁ ତୁମ/ପିନ୍ଧାଇଚି ଚିର ମାଟିର ସବୁଜତା;/ ଦେଇଅଛି ସୁବିପୁଳ/ ସ୍ୱପ୍ନଭିଜା ଜୀବନର ଆଶା,/ ଶ୍ରମଜୀବୀ ମଣିଷର ବ୍ୟାକୁଳ ବୁକୁରେ/ ଭରିଅଛି ବଂଚିବାର/ ଅଦମ୍ୟ ଓ ଅନନ୍ତ ପିପାସା। (ହେ ମହାଜୀବନ, ପୃ-୬୭)

ଦେଶ ଯେତେବେଳେ ପାନ ଆଉ ମିନର କଥା କହୁଛି ସରକାର ସେତେବେଳେ ମାଟିରୁ ଦୂର ଘାଟି ଏବଂ ଗୁଳାଗୁଳାର କଥା କହୁଛନ୍ତି। ଚିର ସବୁଜ ବନାନୀ ପାନବରଜ ଏଠାକାର ଲୋକମାନଙ୍କର ଜୀବନ ପ୍ରଣାଳୀ। କ୍ଷେପଣାସ୍ତ୍ରଘାଟି ହେବା ଫଳରେ ଏଠାକାର ସବୁଜ ବନାନୀ ନଷ୍ଟ ହୋଇ ଅଗ୍ନିବର୍ଷାହେବ। ଯାହାକୁ ଲୋକମାନେ ସ୍ୱୀକାରକରିବା ସମ୍ଭବ ନୁହେଁ। କବି ପ୍ରତିବାଦ କରି କୁହନ୍ତି-ଆଜି କିନ୍ତୁ କାହାର ଏ/ସର୍ବନାଶ ଅଶୁଭ ଇଂଗିତେ/ ହଠାତ୍ ଏକ ମଦ୍ଦମତ୍ତ/ ଲୁବ୍ଧକର ସୈନଦୃଷ୍ଟି/ ଶନିଶ୍ଚର ଭଳି; ତୁମରି ଶ୍ୟାମଳ ଅଂଗେ/ ଦପ୍ ଦପ୍ ଉଠିଅଛି ଜଳି?/ ଖିନ୍ ଭିନ୍ କରିବାକୁ ତୁମରି କୋମଳ ଦେହ/କଣ୍ଠଭରି କରିବାକୁ/ ଟହଟହ ଶୋଣିତ ଶୋଷଣ, ଜଘଣ୍ୟ ନିଷାଦ ଏକ ଲକ୍ଷ୍ୟକରି ବକ୍ଷ ତୁମ/ କରୁଅଛି ନିର୍ବିଚାରେ/ଅଗ୍ନିବର୍ଷୀ କ୍ଷେପଣାସ୍ତ୍ର-/ ତୀରର ସନ୍ଧାନ। (ହେ ମହାଜୀବନ, ପୃ-୬୮)

ଏହିପ୍ରତିବାଦ ଏବଂ ପ୍ରତିରୋଧର ସ୍ୱର ପୁଣିତିବ୍ର ହୁଏ ସେତେବେଳେ ଯେତେବେଳେ ପ୍ରଶ୍ନ ଉଠେ କି ସ୍ଥାନୀୟ ଲୋକମାନଙ୍କର ଜୀବନ-ଜୀବିକା ସହିତ ବାସମଧ୍ୟ ଛାଡ଼ିବାକୁ ପଡ଼ିବ। ସ୍ଥାନାନ୍ତରିତ ହେବାକୁଥିବା ଲୋକମାନେ ଏବେ ଯିବେ କେଉଁଆଡ଼େ? ତାହା ହୁଏ ଏକ ବଡ଼ ପ୍ରଶ୍ନ। କାରଣ ଏହି ନିର୍ଦ୍ଧିଷ୍ଟ ସ୍ଥାନୀୟ ବାସିମାନଙ୍କର ଭିଟା ସହିତ ଏମାନଙ୍କର ଚାଷଡ଼ିହ ମଧ୍ୟ ଯିବ। ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହେଉଥିବା ଲୋକମାନେ ଯେଉଁ ସ୍ଥାନକୁ ବିସ୍ଥାପିତ ହେବେ ସେହି ସ୍ଥାନ ରହିବା-ଖାଇବା ସହିତ ଚାଷ ଉପଯୋଗି ହେବ ନା ନାହିଁ ତାହା ବର୍ତ୍ତମାନ ଏବେ ସବୁଠାରୁ ବଡ଼ ପ୍ରଶ୍ନ। ତେଣୁ ପ୍ରତିବାଦ ସ୍ୱାଭାବିକ ଏହି ସ୍ୱରକୁ ଅରୁଣ ଜେନା 'ବାଦଶାହୀ ସରକାର'କବିତା ମାଧ୍ୟମରେ କୁହନ୍ତି- "ଛାଡ଼ିବୁନି ଭିଟା ଛାଡ଼ିବୁନି ମାଟି/ ସହିବୁନି ଅତ୍ୟାଚାର/ଶୁଣିବୁନି ଅତ୍ୟାଚାର/ ଶୁଣିବୁନି ଆଉ ହାକୀମ ହୁକୁମ/ ଯେତେ ତୁମ ରେ-ରେ-କାର୍,/ ଶତ ନିପୀଡ଼ିତ ଏକତା ମନ୍ତ୍ରେ ଦୁର୍ନିବାର/ କମାଣ ତୁମର ପାଲଟା ଚାଲିବ/ଶୁଣି ଜନତାର ହୁଙ୍କାର/ ସାବଧାନ-ସାବଧାନ!ଏ ଯେ ବିଶ୍ୱଶାନ୍ତିର ଅଗ୍ରଣୀ ପଟୁଆର/ଚେର୍ଣୋବିଲ୍ ରୁ ଶିକ୍ଷାନେଇ/ ତୋଳିଛି ଶାନ୍ତିର ହତିଆର!/ ଶାସନର ଯେତେ ଶୋଷଣ ମିନାର/ ମୁକ୍ତି ମଶାଲେ ପୋଡ଼ିହେବ ଛାରଖାର/ଶୁଣ ବାଦଶାହୀ ସରକାର/ ଖବରଦାର-ଖବରଦାର! ହୁଅ ହୁସିଆର।"(ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନର ସାହିତ୍ୟ, ପୃ-୧୪୫)

ଅନେକ କବିଲେଖକ କ୍ଷେପଣାସ୍ତ୍ର ଘାଟିହେବାର ଖବରପାଇବା ପରଠାରୁ ମର୍ମାହତ ହୋଇଥିଲେ। ବିସ୍ଥାପିତ

DOI: 10.70541/BAGEESHA/2025030504
VOL NO 03 ISSUE NO 05

ହେବାକୁ ଥିବା ପରିବାରଲୋକ ମାନଙ୍କପାଇଁ ସମସ୍ତଙ୍କର ମନକୁ ଆଘାତ ହେଉଥିଲା। ବାଲିଆପାଳ ଘାଟି ବିରୋଧୀ ଆନ୍ଦୋଳନ ମଞ୍ଚରେ 'ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସମିତି'ର ତଥ୍ୟାନୁସନ୍ଧାନ କମିଟିର ଅଭିଂଗ୍ୟତା ଆଧାରରେ ରଚିତ କବି ଅଶୋକ ଦାସଙ୍କ 'ଚାଲରେ ଚାଲ ସାଥୀ ଚାଲରେ ଚାଲ' ଗୀତକୁ ଆମେ ଅନୁଶୀଳନ କରିପାରିବା- "ଚାଲରେ ଚାଲ ସାଥୀ ଚାଲରେ ଚାଲ/ଚାଲରେ ଚାଲ ସଥୀ ଚାଲରେ ଚାଲ/ ହାତଠାରି ଡ଼ାକେ ବାଲିଆପାଳ!ବାଲିଆପାଳ! ବାଲିଆପାଳେ ମାତିଛି ଦାନବ ଦଳ/ଗ୍ରାସିବାକୁ ଧାଏଁ ଆଜି ଦେଶକୁ ତୋର/ ସେଇ ଲହୁ ଲୋଭୀ ଦାନବର ହୁଅ ତୁ କାଳ;...ସାଥୀ/ଚାଲରେ ଚାଲ ସାଥୀ ଚାଲରେ ଚାଲ।" (ତତ୍ରୈବ, ପୃ-୧୪୬)

ଓଡ଼ିଶା ପ୍ରାୟ ନବେ ଦଶକଠାରୁ ବିକାଶର ପଥରେ ଆଗେଇବାରେ ଲାଗିଛି। ମାତ୍ର ଏଠାରେ ଏବେବି ବହୁତ ଲୋକମାନେ ଦରିଦ୍ରର ସୀମାରେଖା ତଳେ ରହିଛନ୍ତି। ଜୀବନ ଏବଂ ଜୀବିକାପାଇଁ ଚାଷ-ବାସ ଉପରେ ନିର୍ଭର କରୁଛନ୍ତି। ଯେଉଁ ଦେଶରେ ଦୁଇଓଳି ଦୁଇମୁଠା ଖାଇବାପାଇଁ ମିଳେ ନାହିଁ, ଯେଉଁଠି ପିନ୍ଧିବାପାଇଁ ମିଳେନାହିଁ ବସ୍ତ୍ର; ସେଠି ମଣିଷର ଜୀବନ ବଂଚିବା କେତେ଼ କଷ୍ଟକର ବ୍ୟାପାର ହୋଇଥାଏ। ଖାଦ୍ୟ ଏବଂ ବସ୍ତ୍ର ମିଳୁନଥିବା ଦେଶରେ କୋଉଲୋକ ଅସ୍ତ୍ରର କଥାବୁଝିବ। କୋଉଲୋକ ବୁଝିବ ଘାଟିରକଥା। କବି କୁହନ୍ତି-"ଯେଉଁ ଦେଶେ ପିନ୍ଧିବାକୁ ମିଳେନା ବସ୍ତ୍ର/କି ହେବ କି ହେବ ସେଠି କ୍ଷେପଣ ଅସ୍ତ୍ର/ଜୀବନ ମରଣ ଯୁଦ୍ଧେ ଚଳ ତୁ ଚଳ ସାଥୀ/ଚାଲରେ ଚାଲ ସାଥୀ ଚାଲରେ ଚାଲ।" (ତତ୍ରୈବ, ପୃ-୧୪୬)

ତତକାଳୀନ ସରକାର ମଧ୍ୟ ସ୍ଥାନୀୟଲୋକ ମାନଙ୍କର ବିଷୟରେ ଚିନ୍ତା ନକରି ବିସ୍ଥାପିତ ପରିବାର ଲୋକମାନଙ୍କର ଶିକ୍ଷା ସୁବିଧା, ରହିବା ପାଇଁ ଭିଟ୍ଟାମାଟି, ଜୀବନ-ଜୀବିକା ବିଷୟରେ କୌଣସି ଚିନ୍ତା କରୁଥିବାର ବା ତତ୍ପରତା ଦେଖେଉ ଥିବାର ମନେ ହେଉଥିଲା। ଲୋକମାନଙ୍କୁ କିଛିବି ପ୍ରତିଶ୍ରୁତି ଦେଇ ଭୂତେଇ ଦେଉଥିବାର ମନହେଉଥିଲା। ତା.୦୮-୦୯-୧୯୮୬ରିଖ ଦିନ 'କଂଗ୍ରେସ-ସନ୍ଦେଶ ଯାତ୍ରୀଦଳ'କୁ ଓଡ଼ିଶା-ବଂଗ ସୀମାନ୍ତବର୍ତ୍ତୀ ଲକ୍ଷ୍ମଣ ନାଥ ଠାରେ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଅବସରରେ ଭାଷଣ ପ୍ରସଂଗରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ କହିଥିଲେ ଯେ- "ବାଲିଆପାଳ କ୍ଷେପଣାସ୍ତ୍ରଘାଟିକୁ ଏକ ବଡ଼ ଧରଣର ଶିଳ୍ପ କାରଖାନା କହିଲେ ଅତ୍ୟୁକ୍ତି ହେବନାହିଁ" ଏହି ଅଦ୍ଭୁତ ଉକ୍ତିର ପ୍ରତିକ୍ରିୟାରେ କବି ବ୍ରଜନାଥ ରଥ 'ସଂଜ୍ଞାବଦଳ' କବିତା ଶୀର୍ଷକରେ କୁହନ୍ତି- "ମୁଖ୍ୟମନ୍ତ୍ରୀ ବୁଦ୍ଧି ନୁହଁଇ ସ୍ୱଳ୍ପ/ ଯୁଦ୍ଧଘାଟିକୁ କହିଲେଣି ଏକ ଶିଳ୍ପ।/ ମଦ୍ୟକୁ ଯଦି କାଲି ସେ କହିବେ ଦୁଗଘ/ ବାଃ ବାଃ କହି ନାଚିଯିବେ ଗଣମୁଗଧ।"(ପ୍ର.ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନର ସାହିତ୍ୟ, ପୃ-୧୪୯)

ପୁଣି ଆନ୍ଦୋଳନ ଯେତେବେଳେ ତିବ୍ରରୂପ ନିଏ ସେତେବେଳେ ସବୁଲୋକମାନଙ୍କ ମଧ୍ୟରେ ଗୋଟିଏ ହିଁ ସ୍ୱର ଦେଖାଯାଏ ମାଟିନଛଡ଼ିବା ପାଇଁ। ପ୍ରଶ୍ନଖାଲି ମାଟି ଛାଡ଼ିବାର ନୁହେଁ। ପ୍ରଶ୍ନକେଉଁ ବିନିମୟରେ ଲୋକମାନେ ମାଟିଛାଡ଼ିବେ। ଗୋଟିଏ କ୍ଷେପଣାସ୍ତ୍ରଘାଟି ଯାହାର ଅବସ୍ଥିତିର କାରଣ ଲୋକମାନେ ଜାଣନ୍ତି ନାହିଁ। ଭାବନ୍ତୁ ଯେଉଁ ଲୋକ ଆଜି ରୋଜଗାର କଲେ ଖାଇବ ନହେଲେ ବେଳେ ଉପାସ ରହିବ ସେଭଳି ଏକ ପରିସ୍ଥିତି-ପରିବେଶରେ ବଂଚୁଥିବା ଏକ ମଣିଷ, ଦେଶରେ ଯୁଦ୍ଧହେବ ସେହି ଯୁଦ୍ଧକୁ ଯୋଗେଇ ଦେବାପାଇଁ ମାରଣାଅସ୍ତ୍ର ଗୁଡ଼ିଏ ପ୍ରସ୍ତୁତ ହେବ। ସେହି ସାମରିକଘାଟିପାଇଁ ତାକୁ ବାସଛାଡ଼ିବାର ନିର୍ଦ୍ଦେଶନାମା ଦିଆଯାଇଛି। ଏଭଳି ସ୍ଥଳରେ ସ୍ଥାନୀୟଲୋକମାନେ କ'ଣ କରିପାରିବେ। ଏହା ଏକ ଚିନ୍ତାଜନକ ବିଷୟ ବୋଲି ମନେହୁଏ। ବ୍ରଜନାଥ ଏହି ସ୍ୱରକୁ ତିବ୍ର କରି କୁହନ୍ତି-"ଘାଟିନୁହେଁ ମାଟି/ଆହ୍ୱାନ ଏଠି/ଆକାଶେ-ବତାସେ ଭାସେ;/ରଣ ଦାନବର/ମୁକୁଟ ଲୋଟିଛି/ଗଣ ଦେବତାର ପାଶେ।" (ଏକଏକ ଏକପଦୀ, ପୃଷ୍ଠା-୪୦)

ନବେ ଦଶକ ଲୁହା ଏବଂ କଂକ୍ରିଟ୍‌ର ଦେଶ। ବଡ଼ବଡ଼ ପ୍ରସାଦ, ଲମ୍ବାଲମ୍ବା ସଡ଼କ ତଳେ ମାଟି, ଚାଷଜମି ଅପସରି ଯାଉଛି। ମଣିଷ ସବୁ ହୃଦୟହୀନ, ଅନୁଭବହୀନ, ସମ୍ପର୍କ ଏବଂ ସମ୍ପର୍କୀୟମାନଙ୍କର ଚେରକୁ କଙ୍କ୍ରିଟ ଏବଂ ଲୁହାର ପ୍ରାସାଦ ଗ୍ରାସ କରିଛି। ସ୍ୱର୍ଣ୍ଣପ୍ରସୂ ଥିବା ବିଲ, ବାଡ଼ି, ଆଉ ଚାରଣଭୂଇଁ ଆଜି ଲୁହା, କଂକ୍ରିଟ୍‌ର ପ୍ରାସାଦତଳେ ଅଣ୍ଡାଭାଂଗିଛି। କବି ଆଶୁତୋଷ ପରିଡ଼ା ତାଙ୍କର କବିତା 'ରକ୍ତବର୍ଣ୍ଣବାଲି' ଶୀର୍ଷକ କବିତାରେ କୁହନ୍ତି- "କଂକ୍ରିଟ୍ ପ୍ରାସାଦ ଭିତରୁ/କାହାର କୁଟିଳ ହାତ ଲମ୍ବିଆସେ/ଓପାଡ଼ି ଦେବାକୁ ଯେତେ ସମ୍ପର୍କର ଚେର/ ଶତାବ୍ଦୀ ଶତାବ୍ଦୀ ଧରି ଯାହାକୁ ଜାବୁଡ଼ି ଧରିଛି ବାଲିର ଅନ୍ତରାତ୍ମା!/ ଚିଲ, ଶାଗୁଣା ଉଡ଼ିଯାନ୍ତି ଆକାଶରେ/ଡ଼େଣାରୁ ଝାଡ଼ିଦେଇ ସବୁ ଅଶୁଭ ଖବର,/ ବାଲିଆପାଳ,/ କାହାର ନିର୍ମମ ହାତ ଲମ୍ବି ଆସେ/ଲଦି ଦେବାକୁ ତୋ ଦେହରେ/ ଲୁହାର ଚାଦର?(କବିତା ଏକତ୍ର, ପୃ-୩୭୪)

ସୁବର୍ଣ୍ଣରେଖା ନଦୀ ମୁହାଣରୁ ବାଲିଆପାଳ ଯାଏଁ ବିସ୍ତୃତ ଚାଷଜମି ସବୁଜପ୍ରାଚୀରରେ ଘେରା। ସେହି ଚାଷଭୂମି ବା ଚାରଣଭୂଇଁ, ଯେଉଁଠାରେ ହଜାର ହଜାର ଲୋକମାନଙ୍କର ଜୀବନ-ଜୀବିକାର ସୁବର୍ଣ୍ଣ ଫଳ ଫଳେ। ତାହାର ମାଟିରେ ତାହାର ଗର୍ଭରେ ଆଜି ହେବ ଘାଟି ମାରଣ ଅସ୍ତ୍ର ତିଆରି ହେବ। ବାଲିଆପାଳ ସଂଲଗ୍ନ କ୍ଷୋଳକୋଶ ବିସ୍ତୃତ ଚାଷଜମି। ଯେଉଁଥିରେ ସ୍ଥାନୀୟ ଲୋକମାନଙ୍କର ସମ୍ପୂର୍ଣ୍ଣ ଜୀବନ ଭରଷାକରେ। କବି ଆଶୁତୋଷ ପରିଡ଼ା ପୁଣି କୁହନ୍ତି- "ଥମ୍ ଥମ୍ ନୀରବତା ଭିତରୁ/ ଶଂଖଟିଏ ବାଜିଉଠିପାରେ କେତେବେଳେ/ ହଜାର ହଜାର ପାଦ ଚିହ୍ନ/ ଡ଼େଇଁ ପଡ଼ନ୍ତି ବାଲିରେ/ ହଜାର ହଜାର ଆଖିଠୁଳ ହୋଇଯାନ୍ତି/ 'କ୍ଷୋଳସାପାଣ୍ଡ'ରେ ହଳକରୁ ଥିବା ଶିବଙ୍କ ମଧ୍ୟରେ,/ ହଜାର ହଜାର ପ୍ରଶ୍ନବାଚୀ/ ଦେଖେଇ ଦିଅନ୍ତି ଗୋଟିଏମାତ୍ର ପ୍ରଶ୍ନ/ ବାଲିଆପାଳ।" (ତତ୍ରୈବ,ପୃ-୩୬୯)

ବିକାଶ ବା ପ୍ରଗତି ଦୁହେଁ ଦେଶ ଦୁନିଆ ପାଇଁ ଅତ୍ୟନ୍ତ ଜରୁରୀ ମାତ୍ର ପ୍ରଶ୍ନ ହେଉଛି ବିକାଶ, କେତେମାତ୍ରାରେ ବିନାଶକୁ ସ୍ୱୀକାର କରିପାରିବ। ଗୋଟିଏ ସମୟପରେ ଆମେ ଉନ୍ନତିର ଚରମ ପର୍ଯ୍ୟାୟରେ ପହଞ୍ଚି ସାରିବା, ତା'ର ପ୍ରତିବଦଳରେ ଆମେ କେତେ ଜମି, ଜଂଗଲ, ନଦୀ ଆଉ ପ୍ରକୃତି ଆଦି ବିନାଶକୁ ସହ୍ୟକରିପାରିବା ତାହା ଚିନ୍ତାକରିବାର ବିଷୟ ନିଶ୍ଚୟ। ବିକାଶ ପାଇଁ ଯଦି ବିସ୍ଥାପନ ଜରୁରୀ, ଥଇଥାନର ବ୍ୟବସ୍ଥା ମଧ୍ୟ ସମାନଭାବରେ ଜରୁରୀ। ଯେଉଁ

DOI: 10.70541/BAGEESHA/2025030504
VOL NO 03 ISSUE NO 05

ଅଂଚଳ-ଗାଁ ଏବଂ ଲୋକ ପ୍ରଗତିର ଆଲୁଅ ନଦେଖିପାରିବ ସେଠି ବିକାଶର ମାନେ କିଛି ନାହିଁ।

**ଉପସଂହାର:** ଓଡ଼ିଶାର ମାଟି ସ୍ୱର୍ଣ୍ଣଗର୍ଭା, ଏହାର ପାଣି-ଖଣି-ବୃକ୍ଷ ସବୁ ଶସ୍ୟ ଶ୍ୟାମଳା, ରତ୍ନଗର୍ଭା। ଏହି ପ୍ରାକୃତିକ ଭଣ୍ଡାରକୁ ସୁରକ୍ଷା କରିବା ପ୍ରତ୍ୟକ ନାଗରିକର ଦାୟିତ୍ୱ ଏବଂ ତା' ସହିତ ଏହାର ରକ୍ଷଣାବେକ୍ଷଣ ନିହାତି ଆବଶ୍ୟକତା ରହିଛି। ସମସ୍ତ ମଣିଷ ସମାଜ ଖାଦ୍ୟପାଇଁ ଚାଷବାସ ଉପରେ ହିଁ ନିର୍ଭର କରେ। ପ୍ରକୃତି ତା'ର ମୁକ୍ତହସ୍ତରେ ସମସ୍ତଙ୍କୁ ଖାଦ୍ୟ ଶସ୍ୟ ଏବଂ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇଥାଏ। ପ୍ରାକୃତିକ ଉତ୍ପାଦର ସଂରକ୍ଷଣ ଯେ ଆମର ଗୁରୁଦାୟିତ୍ୱ ଭାବି ସମସ୍ତ ନାଗରିକମାନଙ୍କୁ ସଚେତନ ହେବାକୁ ପଡ଼ିବ। ତେବେ ଯାଇ ମଣିଷ ସଭ୍ୟତାର ଚରମ ଉନ୍ନତି ସାଧିତ ହୋଇପାରିବ। ମଣିଷ ସଭ୍ୟତା ବଂଚି ରହିଥିବ। ନଚେତ୍ ସଭ୍ୟତା ଧ୍ୱଂସ ହେବା ସହିତ ଶେଷରେ ବଂଚି ରହିବ ପାଉଁଶ ଗଦା, ଆଉ ଜିର୍ଣ୍ଣ-ଶୀର୍ଣ୍ଣ ସଭ୍ୟତା। ଯାହା ଏହି ଆନ୍ଦୋଳନ ଲକ୍ଷ୍ୟ। ପରିବେଶ ଓ ସଭ୍ୟତାର ସୁରକ୍ଷା ପାଇଁ କବିମାନଙ୍କର କଲମ ମଧ୍ୟ ଅନବରତ ସଚେତନତା ଓ ବିରୋରୋଧ ପ୍ରଦର୍ଶନ କରିଥିଲା।

**ସହାୟକ ଗ୍ରନ୍ଥସୂଚୀ:**


୧) ନାରାୟଣ। ୧୯୮୭। ବାଲିଆପାଳ କ୍ୱୋଳରେ ପଂଜାବ?। ବାଲେଶ୍ୱର: ଲାଲବାତ୍ୟା ପ୍ରକାଶନ, ଶିମୁଳିଆ।

୨) ଉପାଧ୍ୟାୟ, ବିଜୟ। ୨୦୧୫। ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନର ସାହିତ୍ୟ (ସଂ)। ବାଲେଶ୍ୱର: ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ, ଫକୀରମୋହନ ନଗର।

୩) ପରିଡ଼ା, ଆଶୁତୋଷ। ୨୦୧୯। କବିତା ଏକତ୍ର (ପ୍ରଥମ ଖଣ୍ଡ)। ଯାଜପୁର: ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର।

୪) ମଲ୍ଲିକ, ହୃଷୀକେଶ।୨୦୧୫। ଜେଜେ ଦେଖିନଥିବା ଭାରତ। ଯାଜପୁର: ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର।

୫) ଉପାଧ୍ୟାୟ, ବିଜୟ। ୨୦୧୩। ଓଡ଼ିଶାର ଜନଆନ୍ଦୋଳନ (ସଂ)। ବାଲେଶ୍ୱର: ଜୀବନସଂଗ୍ରାମ ସାରସ୍ୱତ ଟ୍ରଷ୍ଟ, ଫକୀରମୋହନ ନଗର।

୬) ରଥ, ବ୍ରଜନାଥ। ୨୦୦୯। ଏକ ଏକ ଏକପଦୀ। ବାଲେଶ୍ୱର: ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ଶ୍ରୀକଣ୍ଠପୁର।



## Funding
No funding was received for conducting this study.

## Does this Article screened for similarity?
Yes

## Conflict of interest
The Author has no conflicts of interest to declare that they are relevant to the content of this Article.



## About the licenses
© **Subhalaxmi Behera 2025** The text of this Article is open access and licensed under a Creative Commons Attribution 4.0 International license



## Cite this Article :
Behera, Subhalaxmi, "*Baliapala Janaandolana o Odia Kabita*", Bageesha, Vol. No. 03, Issue No. 05, Sep-Oct 2025, Article No: BM2025/05-A003| Page- 25-28| DOI: https://doi.org/10.70541/BAGEESHA/2025030504

DOI: 10.70541/BAGEESHA/2025030504

VOL NO 03 ISSUE NO 05